# ତହସିଲଦାର ଙ୍କ କାର୍ଯ୍ୟାଳୟ, ପୁରୁଷୋତ୍ତମପୁର, ଜିଲ୍ଲା-ଗଞ୍ଜାମ

**ବିଜ୍ଞପ୍ତି ସଂଖ୍ୟା: 4311/ସଇରାତ** ତା 14/09/2022

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ନିମନ୍ତେ ବିଜ୍ଞାପନ

[ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମ -2016 ଏବଂ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମ-2022 ଅନୁଯାୟୀ]

ଏତଦ୍ୱାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ *ପୁରୁଷୋତ୍ତମପୁର* ତହସିଲ ଅନ୍ତର୍ଗତ Annexure-1 ରେ ପ୍ରଦତ୍ତ 13 ଗୋଟି ପଥରଖଣି (ଲଘୁଖଣିଜ ଦ୍ରବ୍ୟ) ସଇରାତ ଉତ୍ସକୁ ଆସନ୍ତା 5 (ପାଞ୍ଚ ବର୍ଷ) ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

**ସଇରାତ ଉତ୍ସର ବିବରଣୀ**

| କ୍ରମିକ ନଂ | ସଇରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ(ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ(ପ୍ରତି ଘନ ମି.) | M.G.Q ଅନୁସାରେ ବାର୍ଷିକ ସଇରାତର ପରିମାଣ | Minimum I.T. Return / Bank Guarantee | EMD in Rs |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| 1 | ଭାଟକୁମରଡ଼ା A-3 ପଥର ଖଣି | ଭାଟକୁମରଡ଼ା | 1769 | 4661<br>6519 | 17.475 | ପର୍ବତ | ଟ. 130/- | ଟ. 100/- | ଟ. 230/- | 44280 | 10184400 | 509220 |
| 2 | ଶାସନାପଲ୍ଲୀ ପଥର ଖଣି | ଶାସନାପଲ୍ଲୀ | 297 | 1043 | 8.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 32782 | 7539860 | 376993 |
| 3 | ଶାସନାପଲ୍ଲୀ-B ପଥର ଖଣି | ଶାସନାପଲ୍ଲୀ | 297 | 1043 | 10.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 27000 | 6210000 | 310500 |
| 4 | ଆମ୍ବିଳାପଲ୍ଲୀ ପଥରଖଣି | ଆମ୍ବିଳାପଲ୍ଲୀ | 449 | 1555 | 1.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 1548 | 356040 | 17802 |
| 5 | ଅନ୍ତରିଗାଁ ପଥରଖଣି | ଅନ୍ତରିଗାଁ | 375 | 141 | 4.225 | ପର୍ବତ-III | ଟ. 130/- | ଟ. 100/- | ଟ. 230/- | 15732 | 3618360 | 180918 |
| 6 | ନିମପଲ୍ଲୀ-1 ପଥରଖଣି | ନିମପଲ୍ଲୀ | 518 | 776 | 2.471 | ପର୍ବତ | ଟ. 130/- | ଟ. 100/- | ଟ. 230/- | 2700 | 621000 | 31050 |

17/09/2022

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| 7 | ନିମପଲ୍ଲୀ-2 ପଥରଖଣି | ନିମପଲ୍ଲୀ | 518 | 847 | 2.500 | ପର୍ବତ | ଟ. 130/- ଘ | ଟ. 100/- ଘ | ଟ. 230/- ଘ | 2295 | 527850 | 26393 |
| 8 | ନିମପଲ୍ଲୀ-3 ପଥରଖଣି | ନିମପଲ୍ଲୀ | 518 | 896 | 10.00<br>0 | ପର୍ବତ | ଟ. 130/- ଘ | ଟ. 100/- ଘ | ଟ. 230/- ଘ | 5031 | 1157130 | 57857 |
| 9 | ନିମପଲ୍ଲୀ-4 ପଥରଖଣି | ନିମପଲ୍ଲୀ | 518 | 847 | 14.00<br>0 | ପର୍ବତ | ଟ. 130/- ଘ | ଟ. 100/- ଘ | ଟ. 230/- ଘ | 19584 | 4504320 | 225216 |
| 10 | ନିମପଲ୍ଲୀ-5 ପଥରଖଣି | ନିମପଲ୍ଲୀ | 518 | 847 | 14.00<br>0 | ପର୍ବତ | ଟ. 130/- ଘ | ଟ. 100/- ଘ | ଟ. 230/- ଘ | 12717 | 2924910 | 146246 |
| 11 | ନିମପଲ୍ଲୀ-6 ପଥରଖଣି | ନିମପଲ୍ଲୀ | 518 | 847 | 14.00<br>0 | ପର୍ବତ | ଟ. 130/- ଘ | ଟ. 100/- ଘ | ଟ. 230/- ଘ | 15300 | 3519000 | 175950 |
| 12 | ଗାଙ୍ଗନାପୁର-A ପଥରଖଣି | ଗାଙ୍ଗନାପୁର | 810 | 2391 | 6.725 | ପର୍ବତ | ଟ. 130/- ଘ | ଟ. 100/- ଘ | ଟ. 230/- ଘ | 5951 | 1368730 | 68437 |
| 13 | ଗାଙ୍ଗନାପୁର-B ପଥରଖଣି | ଗାଙ୍ଗନାପୁର | 810 | 2159<br>3047 | 21.67<br>5<br>7.775<br>29.45<br>0 | ପର୍ବତ | ଟ. 130/- ଘ | ଟ. 100/- ଘ | ଟ. 230/- ଘ | 13356 | 3071880 | 153594 |

ପ୍ରକାଶ ଥାଉକି ଲିଜ୍ ରେ  ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉସ ଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନା ଗମନ ର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଇଚ୍ଛୁକ ବ୍ୟକ୍ତି ବିଶେଷ  **OMMC Rule-2016** ଏବଂ ଏହାର **Amendments Rule** ମୁତାବକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପା ସ୍ପିଡ୍ ପୋଷ୍ଟ / ରେଜିଷ୍ଟ୍ରି ପୋଷ୍ଟ ଜରିଆରେ ଆବେଦନ କରିବେ ।

1. ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ-**2016** ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା 3 କିତା **Form- M ( 3 Copies)** ଦାଖଲ କରିବେ ।
2. ଦରଖାସ୍ତ ଫିଜ୍ ବାବଦକୁ ଟ. 1,000/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ **(Head of Account-0853-Non Ferrous Mining & Metallurgical Industries- 102-Mineral Concession Fees Rents and Royalties)** ଦାଖଲ କରିବେ  ଏବଂ ଏହି ଦରଖାସ୍ତ ଫିଜ୍ ଫେରସ୍ତ କରାଯିବ ନାହିଁ ।
3. ଉସ ର ନାମ ତଫସିଲ ଏବଂ ସରହଦ୍ ର  ବିବରଣୀ ସଂଲଗ୍ନ କରିବା ହେବେ ।
4. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।
5. ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମ-2022 ଅନୁଯାୟୀ, ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ **(Minimum Guaranteed Quantity)** ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା  ଅତିରିକ୍ତ ଦେୟ ତଥା ରୟାଲଟିର ସମ ପରିମାଣର 2021-22 ଆର୍ଥିକ ବର୍ଷର ଆୟକର ରିଟର୍ଣ୍ଣ ଦାଖଲ କରିବେ କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (  **Bank Guarantee** ) ଯାହାର ଅବଧି ୪୦ର ମାସ  ହେବା ଆବଶ୍ୟକ  ତାହା ଦାଖଲ କରିବେ ।

**[Requisite I.T. Return of 2021-22 / Bank Guarantee = Minimum Guaranteed Quantity X (Offered Additional Charge + Royalty)]**

14/09
2022

6. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା 5 ଭାଗ EMD ( Earnest Money Deposit ) ର ପରିମାଣକୁ ଆବେଦନକାରୀ ତହସିଲଦାର ,ପୁରୁଷୋତ୍ତମପୁର ଙ୍କ ନାମରେ ଡାକ ବନ୍ଧକ କୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ ନିର୍ଦ୍ଧାରିତ ହୋଇଥିବା EMD ର ପରିମାଣକୁ ଆବେଦନକାରୀ ତହସିଲଦାର , ପୁରୁଷୋତ୍ତମପୁରଙ୍କ ନାମରେ ଦାଖଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟି କୁ ବିଚାରକୁ ନିଆଯିବ ନାହିଁ।

7. ଦରଖାସ୍ତ କାରୀ ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ତଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦି ର ପ୍ରମାଣ ପତ୍ର ସଂଲଗ୍ନ କରିବେ ।

8. ଆବେଦନକାରୀଙ୍କ ପାନକାର୍ଡ (PAN Card) ର ନକଲ । ଦରଖାସ୍ତକାରୀ ବର୍ଷର ଆୟକର ଦାଖଲ (Income Tax Return Filling) ବିବରଣୀ ର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

9. ଦରଖାସ୍ତକାରୀ ଆବେଦନ କରିବା ପୂର୍ବରୁ ଉକ୍ତ ଉସ କୁ ପରିଦର୍ଶନ କରି ଥିବାର ଏକ ସ୍ୱଘୋଷିତ ଲିଖିତ ନାମା (Self-Declaration) ଦାଖଲ କରିବେ ।

10. ଦରଖାସ୍ତକାରୀ ସଇରାତ ଉତ୍ସର Mining Plan Preparation, E.C. Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

11. ଦରଖାସ୍ତକାରୀ ଦରଖାସ୍ତ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା, ମୋବାଇଲ୍ ନଂ ଏବଂ ଇ-ମେଲ୍ ଆଇଡ଼ି ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ । ନଚେତ୍ ଦରଖାସ୍ତଟି କୁ ନାକଚ କରାଯିବ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତ କୁ ଜଉମୁଦ ଦିଆ ଲଫାପାରେ Registered Post / Speed Post ଯୋଗେ ତା *15/09/2022* ରିଖ ଠାରୁ ତା *29/09/2022* ରିଖ ସମୟ ଅପରାହ୍ନ 5.00 ଘଣ୍ଟ ମଧ୍ୟରେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ । ଉପରୋକ୍ତ ତାରିଖ ଏବଂ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।

ଠିକଣା

*ତହସିଲଦାରଙ୍କ କାର୍ଯ୍ୟାଳୟ, ପୁରୁଷୋତ୍ତମପୁର*

*ଜିଲ୍ଲା – ଗଞ୍ଜାମ , ପିନ୍ –761018*

*ତା 30/09/2022 ରିଖ ପୂର୍ବାହ୍ନ ୧୧.୦୦ ଘଟିକା* ସମୟରେ ତହସିଲଦାର୍, ପୁରୁଷୋତ୍ତମପୁର ଙ୍କ କାର୍ଯ୍ୟାଳୟ ଠାରେ ଆବେଦନ କରାଯାଇ ଥିବା ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ O.M.M.C. Rule-2016 & O.M.M.C Amendment Rule-2022 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଦରଖାସ୍ତ କାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ୍ କରି ଦିଆଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହା ହେଲେ *ତା 01/10/2022 ଠାରୁ 13/10/2022 ରିଖ* ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଥମୋକ୍ତ ମତେ ଦରଖାସ୍ତ Registered Post /Speed Post ଯୋଗେ ପଠାଇ ପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ *ତା 14/10/2022 ରିଖ ଦିବା 11.00* ଘଟିକା ସମୟରେ ଜଉମୁଦ ଖୋଲା ଯାଇ ଲିଜ୍ ନିମନ୍ତେ ଚୟନ କରାଯିବ । ସେହିପରି ଯଦି ଦ୍ୱିତୀୟଥର ମଧ କୌଣସି ଉସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଆବେଦନକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ପାଇଁ *ତା 15/10/2022 ରିଖ ରୁ ତା 21/10/2022 ରିଖ* ମଧ୍ୟରେ ଉପରୋକ୍ତ ମତେ ଦରଖାସ୍ତ Registered Post /Speed Post ଯୋଗେ ପଠାଇ ପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ତା *25/10/2022 ରିଖ ଦିବା 11.00* ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

## ସର୍ତ୍ତାବଳୀ

1.ଆବେଦନକାରୀ ମାନେ OMMC-Rule-2016 ଏବଂ ଏହାର Amendments Rule ର ପରିସର ଭୁକ୍ତ ରହିବେ ।

2. ଆବେଦନକାରୀ ଲିଜ୍ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସଇରାତ ଉସ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଥିବା ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଲିଜ ଦିଆଯାଇ ଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

3. ଲିଜ୍ ଧାରୀ Mining Plan, E.C.ଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।
ସର୍ବୋଚ୍ଚ ନିଲାମଧାରୀ ସଇରାତ ଉସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (State Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

4. ଆବେଦନକାରୀ ପ୍ରାଧୀକୃତ ଅଧିକାରୀ (Competent Authority) ଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ୍ ନ କରିଥିବା ଦରଖାସ୍ତ କାରୀଙ୍କ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦନ ପତ୍ରରେ ରୟାଲଟି ଦର୍ଶାଇବା ପାଇଁ ଧାର୍ଯ୍ୟ ହୋଇଥିବା ସ୍ଥାନରେ ରୟାଲଟି ସହ ଅତିରିକ୍ତ ଦେୟ ପୃଥକ୍ ପୃଥକ୍ ଭାବରେ ଦର୍ଶାଇବେ ।

5. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ (Additional Charge) ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

6. ଯଦି କୌଣସି ଉସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ, ତେବେ ସେହି ଉସ ପାଇଁ ନିଲାମ କରାଯିବ ନାହିଁ।

7.ନିଲାମ ଧାରୀ ସମସ୍ତ Clearance ଦେୟ ଜମା କରିବା ପରେ Form-N ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି (Registration Act 1908 & Stamp Act 1890 &1899 ଅନୁଯାୟୀ) ସମ୍ପାଦନ କରିବେ।

8. OMMC Rule-2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

9. ଲିଜ ଧାରୀ ସଇରାତ ଉସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ ଦେୟର OMMC Rule-2016 ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର 2.2% ଆୟକର (I.T.) ବାବଦକୁ ଜମା କରିବେ ।

10. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ ଧାରୀ ସଇରାତ ଉସକୁ କାର୍ଯ୍ୟକ୍ଷମ କରି ପାରିବେ ନାହିଁ ।

11. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର 7 (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ F ଫର୍ମ ରେ ଜଣାଇ ଦିଆଯିବ । ସୂଚନା ପାଇବାର 15 (ପନ୍ଦର) ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେସଙ୍ଗେ ଅମାନତ ରାଶି ଜମା କରିବେ । ଯଦି ମନୋନୀତ ବ୍ୟକ୍ତି 15 (ପନ୍ଦର) ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

12.ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ କାଗଜାତ ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ୍ www.ganjam.nic.in ରେ ଦେଖିପାରିବେ ।

13.କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଏବଂ ଅତିରିକ୍ତ ଦେୟ (Additional Charge) ସଂଶୋଧନ କରିପାରିବେ।

14. ନିଲାମ ଦରଖାସ୍ତକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ – 2016 (OMMC Rule-2016) ଏବଂ ତଦ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

15. ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ର ହିସାବ ତ୍ରୟମାସିକ ଫର୍ମ P ଏବଂ ବାର୍ଷିକ ଫର୍ମ K ରେ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

16. ଯଦି ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

17. ଲିଜ ଅବଧି ସମୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।

18. ପରବର୍ତ୍ତୀ ସମୟରେ ଯଦି କୌଣସି ଦେୟର ମୂଲ୍ୟ ବୃଦ୍ଧି ହୁଏ କିମ୍ବା ସରକାରଙ୍କ ଦ୍ୱାରା କୌଣସି ନୂତନ ଦେୟ ଧାର୍ଯ୍ୟ ହୁଏ ତେବେ ଉକ୍ତ ଦେୟ ଆଦାୟ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

19. ଲିଜ ଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

14/09/2022

ତହସିଲଦାର, ପୁରୁଷୋତ୍ତମପୁର
Tahasildar
Purushottampur Ganjam

ପତ୍ର ସଂଖ୍ୟା: 4317 ତାରିଖ 14/09/2022

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ / ଉପ-ଜିଲ୍ଲାପାଳ, ଛତ୍ରପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

14/09/2022

ତହସିଲଦାର, ପୁରୁଷୋତ୍ତମପୁର
Tahasildar
Purushottampur Ganjam

ପତ୍ର ସଂଖ୍ୟା: 4318 ତାରିଖ 14/09/2022

ଏହାର ଏକକିତା ନକଲ N.I.C., Ganjam ଙ୍କ ଅବଗତି ତଥା ଗଞ୍ଜାମ ଜିଲ୍ଲା Web Site ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

14/09/2022

ତହସିଲଦାର, ପୁରୁଷୋତ୍ତମପୁର
Tahasildar
Purushottampur Ganjam

ପତ୍ର ସଂଖ୍ୟା: 4319 ତାରିଖ 14/09/2022

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧୀକାରୀ, ପୁରୁଷୋତ୍ତମପୁର ପୋଲିସ୍ ଷ୍ଟେସନ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

14/09/2022

ତହସିଲଦାର, ପୁରୁଷୋତ୍ତମପୁର
Tahasildar
Purushottampur Ganjam

ପତ୍ର ସଂଖ୍ୟା: 4320 ତାରିଖ 14/09/2022

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

14/09/2022

ତହସିଲଦାର, ପୁରୁଷୋତ୍ତମପୁର
Tahasildar
Purushottampur Ganjam

ପତ୍ର ସଂଖ୍ୟା: 4321 ତାରିଖ 14/09/2022

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ / ଉସ ଥିବା ସଂପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

14/09/2022

ତହସିଲଦାର, ପୁରୁଷୋତ୍ତମପୁର
Tahasildar
Purushottampur Ganjam

**Annexure-1**

## ସଇରାତ ଉତ୍ସର ବିବରଣୀ

| କ୍ରମିକ ନଂ | ସଇରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା ଏକରରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ(ପ୍ରତି ଘନ ମି.) | ଅତିରିକ୍ତ ଦେୟ (ପ୍ରତି ଘନ ମି.) | ମୋଟ ଦେୟ(ପ୍ରତି ଘନ ମି.) | M.G.Q ଅନୁସାରେ ବାର୍ଷିକ ସଇରାତର ପରିମାଣ | Minimum Solvency / Bank Guarantee | EMD in Rs |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| 1 | ଭାଟକୁମରଡ଼ା A-3 ପଥର ଖଣି | ଭାଟକୁମରଡ଼ା | 1769 | 4661<br>6519 | 17.475 | ପର୍ବତ | ଟ. 130/- | ଟ. 100/- | ଟ. 230/- | 44280 | 10184400 | 509220 |
| 2 | ଶାସନପଲ୍ଲୀ ପଥର ଖଣି | ଶାସନପଲ୍ଲୀ | 297 | 1043 | 8.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 32782 | 7539860 | 376993 |
| 3 | ଶାସନପଲ୍ଲୀ-B ପଥର ଖଣି | ଶାସନପଲ୍ଲୀ | 297 | 1043 | 10.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 27000 | 6210000 | 310500 |
| 4 | ଅମ୍ବିକାପଲ୍ଲୀ ପଥରଖଣି | ଅମ୍ବିକାପଲ୍ଲୀ | 449 | 1555 | 1.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 1548 | 356040 | 17802 |
| 5 | ଅଡରିଙ୍ଗି ପଥରଖଣି | ଅଡରିଙ୍ଗି | 375 | 141 | 4.225 | ପର୍ବତ-III | ଟ. 130/- | ଟ. 100/- | ଟ. 230/- | 15732 | 3618360 | 180918 |
| 6 | ନିମପଲ୍ଲୀ-1 ପଥରଖଣି | ନିମପଲ୍ଲୀ | 518 | 776 | 2.471 | ପର୍ବତ | ଟ. 130/- | ଟ. 100/- | ଟ. 230/- | 2700 | 621000 | 31050 |
| 7 | ନିମପଲ୍ଲୀ-2 ପଥରଖଣି | ନିମପଲ୍ଲୀ | 518 | 847 | 2.500 | ପର୍ବତ | ଟ. 130/- | ଟ. 100/- | ଟ. 230/- | 2295 | 527850 | 26393 |
| 8 | ନିମପଲ୍ଲୀ-3 ପଥରଖଣି | ନିମପଲ୍ଲୀ | 518 | 896 | 10.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 5031 | 1157130 | 57857 |
| 9 | ନିମପଲ୍ଲୀ-4 ପଥରଖଣି | ନିମପଲ୍ଲୀ | 518 | 847 | 14.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 19584 | 4504320 | 225216 |
| 10 | ନିମପଲ୍ଲୀ-5 ପଥରଖଣି | ନିମପଲ୍ଲୀ | 518 | 847 | 14.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 12717 | 2924910 | 146246 |
| 11 | ନିମପଲ୍ଲୀ-6 ପଥରଖଣି | ନିମପଲ୍ଲୀ | 518 | 847 | 14.000 | ପର୍ବତ | ଟ. 130/- | ଟ. 100/- | ଟ. 230/- | 15300 | 3519000 | 175950 |
| 12 | ଭାଙ୍ଗନାପୁର-A ପଥରଖଣି | ଭାଙ୍ଗନାପୁର | 810 | 2391 | 6.725 | ପର୍ବତ | ଟ. 130/- | ଟ. 100/- | ଟ. 230/- | 5951 | 1368730 | 68437 |
| 13 | ଭାଙ୍ଗନାପୁର-B ପଥରଖଣି | ଭାଙ୍ଗନାପୁର | 810 | 2159<br>3047 | 21.675<br>7.775<br>29.450 | ପର୍ବତ | ଟ. 130/- | ଟ. 100/- | ଟ. 230/- | 13356 | 3071880 | 153594 |

ତହସିଲଦାର, ପୁରୁଷୋତ୍ତମପୁର

Tahasildar
Purushottampur Ganjam